# କେନ୍ଦ୍ର ସାହିତ୍ୟ ଅକାଦେମି ବୃତ୍ତଚିତ୍ରକୁ ମଣିପୁର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

କଲକାତା,୨୮।୪(ନି.ପ୍ର) : କେନ୍ଦ୍ର ସାହିତ୍ୟ ଅକାଦେମି ଦ୍ୱାରା ନିର୍ମିତ ବୃତ୍ତଚିତ୍ରକୁ ମଣିପୁର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଳିଛି। ବୃତ୍ତଚିତ୍ରଟି ବିଶିଷ୍ଟ ମଣିପୁରୀ ଲେଖକ ଖୁମଦ ପ୍ରକାଶ ସିଂହଙ୍କ ଉପରେ ଆଧାରିତ। ପୁରସ୍କାର ବିତରଣ ଉତ୍ସବରେ ମଣିପୁର ରାଜ୍ୟପାଳ ସୁଶ୍ରୀ ଅନୁସୁୟା ଉଇକେ ମୁଖ୍ୟ ଅତିଥିଭାବରେ ଯୋଗଦେଇ ସାହିତ୍ୟ ଅକାଦେମିକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଜୀବନୀ, କଳା ଓ ସଂସ୍କୃତି ଚଳଚ୍ଚିତ୍ର ବିଭାଗରେ ଏହି ସମ୍ମାନଜନକ ପୁରସ୍କାର ଅକାଦେମିର ସଚିବ ଡ. କେ ଶ୍ରୀନିବାସ ରାଓ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଖୁମନ ପ୍ରକାଶ ସିଂହ ଶୀର୍ଷକ ବୃତ୍ତଚିତ୍ରକୁ ଅରିବମ୍ ଶ୍ୟାମଶର୍ମା ନିର୍ଦ୍ଦେଶନା ଦେଇଛନ୍ତି। ପୂର୍ବରୁ ଏହାକୁ ୨୦୨୩ ବର୍ଷର ଶ୍ରେଷ୍ଠ ଜୀବନୀ ବୃତ୍ତଚିତ୍ର ଘୋଷଣା କରାଯାଇଥିଲା। ଖୁମନ ପ୍ରକାଶ ସିଂହ ବିଂଶ ଶତାବ୍ଦୀର ମଣିପୁର ଲେଖକଙ୍କ ମଧ୍ୟରୁ ଅନ୍ୟତମ। ସାହିତ୍ୟ ଅକାଦେମିର ଅଭିଲେଖାଗାର ପ୍ରକଳ୍ପରେ ବିଶିଷ୍ଟ ଭାରତୀୟ ଲେଖକ କବି ଏବଂ ବିଦ୍ୱାନଙ୍କ ଉପରେ ଏଭଳି ବୃତ୍ତଚିତ୍ର ପ୍ରସ୍ତୁତ କରାଯାଇଥାଏ। ଏପର୍ଯ୍ୟନ୍ତ ୧୭୨ଟି ବୃତ୍ତଚିତ୍ର ପ୍ରସ୍ତୁତ ହୋଇସାରିଛି। ଭାରତୀୟ ଲେଖକଙ୍କ ଉପରେ ବୃତ୍ତଚିତ୍ର ନିର୍ମାଣ କରି ସାହିତ୍ୟ ଅକାଦେମି ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି।